# ODISHA SPACE APPLICATIONS CENTRE (ORSAC)
Department of Science & Technology, Government of Odisha


No.: 1433 Date : 13.04.18

ପ୍ରାପ୍ତେଷୁ,

ଡେସ୍କ ଅଫିସର
ବିଜ୍ଞାନ ଓ ବୈଷୟିକ ବିଭାଗ
ଓଡିଶା ସରକାର , ଭୁବନେଶ୍ୱର

ବିଷୟ: ମାନ୍ୟବର ବିଧାୟକ ଶ୍ରୀ କୈଳାଶ ଚନ୍ଦ୍ର କୁଲେସିକାଙ୍କ ଦ୍ୱାରା ଆଗତ ଅଣତାରକା ଚିହ୍ନିତ ବିଧାନ ସଭା ପ୍ରଶ୍ନ ସଂଖ୍ୟା -୧୬୯୩ ଉପକୃତ ଲୋକଙ୍କ ସଂଖ୍ୟା ସମ୍ପର୍କରେ

ପ୍ରସଙ୍ଗ : ବିଜ୍ଞାନ ଓ ବୈଷୟିକ ବିଭାଗ ଚିଠି ସଂଖ୍ୟା ୨୦୦୬ ତା.୧୨। ୦୪। ୨୦୧୮

ମହାଶୟ,
ପ୍ରଶ୍ନ-୧୬୯୩- ଶ୍ରୀ କୈଳାଶ ଚନ୍ଦ୍ର କୁଲେସିକା: ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେକି :- ଉକ୍ତ ବିଭାଗ ଦ୍ୱାରା ରାଜ୍ୟରେ ଗତ ୫ ବର୍ଷ ଭିତରେ କି କି କାମ କେଉଁ କେଉଁ ଅଞ୍ଚଳରେ ହୋଇଛି ଓ କେତେ ଲୋକ ଉପକୃତ ହୋଇଛନ୍ତି, ଏହି ବିଭାଗ ଦ୍ୱାରା ରାଜ୍ୟରେ ସବୁ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାର ବିଜନ ପ୍ରଦର୍ଶନୀ କରି ସାଧାରଣ ଲୋକଙ୍କୁ ବୁଝାଇ ଲୋକପ୍ରିୟତା ବିଭାଗ ପ୍ରତି ବଢାଇବା ପାଇଁ ସରକାର କିଛି ଠୋସ ପଦକ୍ଷେପ ନେବେକି, ଦୈନନ୍ଦିନ ଚଳନୀରେ ବିଭାଗୀୟ ସମ୍ପର୍କ କେତେ ତଥ୍ୟ ଜଣାଇବେକି ?

ଉତ୍ତର-

ଉପର ଲିଖିତ ଚିଠି ଓ ବିଷୟ ସମ୍ବନ୍ଧରେ ଏହା ଜଣାଇ ଦିଆଯାଇପାରେ ଯେ ଓଡିଶା ମହାକାଶ ଉପଯୋଗ କେନ୍ଦ୍ର ଓଡିଶାର ୨୧୬ ଟି ଉଚ୍ଚ ବିଦ୍ୟାଳୟରେ Edusat କାର୍ଯ୍ୟକ୍ରମ ପାଇଁ SIT (Satellite Interactive Terminal) ସ୍ଥାପନା କରାଯାଇଛି । Edusat କାର୍ଯ୍ୟକ୍ରମ ମାଧ୍ୟମରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନ, ଗଣିତ, ଇଂରାଜୀ ଓ ଭୂଗୋଳ ବିଷୟରେ ORSAC studio ରୁ ଶିକ୍ଷାଦାନ କରାଯାଉଛି । ଜୁନ ତୃତୀୟ ସପ୍ତାହରୁ ପରବର୍ଷ ଫେବୃୟାରୀ ପ୍ରଥମ / ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ (ଶିକ୍ଷା ବର୍ଷ) ଏହାର ସିଧା ପ୍ରସାରଣ କରାଯାଉଛି । ଏଥିରେ SIT ଲାଗିଥିବା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପକୃତ ହେଉଛନ୍ତି ।

ଏହା ଆପଣଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ।

ଆପଣଙ୍କର ବିଶ୍ୱସ୍ତ

ମୁଖ୍ୟ କାର୍ଯ୍ୟନିର୍ବାହୀ


Plot No. : 45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-751023, Odisha, India
Tel : +91 674 2303625 / 3293545, Fax: +91 674 2300681
E-mail : orsac2012@gmail.com / orsac.od@nic.in, Website : http://www.orsac.org